## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୌମିତ୍



@ ସୌମ୍ୟରଞ୍ଜନ



@ତାପସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ନୂଆପିଢି ପାଇଁ 'ବୀରଗାଥା' ପ୍ରେରଣାଦାୟୀ ପରମ୍ପରା



ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କଠାରୁ କଟକର ବର୍ଣ୍ଣାଳୀ ସାହୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୨୫।୧(ଶର୍ମିଷ୍ଠା ପାଣିଗ୍ରାହୀ)

### କଟକର ବର୍ଣ୍ଣାଳୀ ସାହୁ ବିଜେତା

'ପ୍ରୋଜେକ୍ଟ ବୀରଗାଥା' ଆମର ଅମୃତପିଢିଙ୍କ ମଧ୍ୟରେ ଦେଶଭକ୍ତିର ଭାବନା, କର୍ତ୍ତବ୍ୟବୋଧ ଏବଂ ରାଷ୍ଟ୍ର ନିର୍ମାଣର ଚେତନା ଜାଗ୍ରତ କରିବାର ଏକ ସଶକ୍ତ ମାଧ୍ୟମ। ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଗୁରୁବାର ନୂଆଦିଲ୍ଲୀଠାରେ ଆୟୋଜିତ ପ୍ରୋଜେକ୍ଟ ବୀରଗାଥା ୩.୦ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଶିକ୍ଷା ମନ୍ତ୍ରଣାଳୟ ସହଯୋଗରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ଭାରତୀୟ ସେନାର ଶୌର୍ଯ୍ୟ, ସେବା, ସମର୍ପଣ ଏବଂ ବଳିଦାନକୁ ନେଇ ସମସ୍ତ ଦେଶବାସୀ ଗର୍ବିତ ବୀରଗାଥା ୩.୦ ପ୍ରତିଯୋଗିତାରେ ୧.୩୬ କୋଟି ବିଦ୍ୟାର୍ଥୀ ସାମିଲ ହେବା ଖୁସିର ବିଷୟ। ନୂଆପିଢି ପାଇଁ ବୀରଗାଥା ପ୍ରେରଣାଦାୟୀ ପରମ୍ପରା ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଯୋଗଦେଇ ତିନି ସେନାର ମୁଖ୍ୟଙ୍କ ସହ ବୀରଗାଥା ୩.୦ ପ୍ରତିଯୋଗିତାର ୧୦୦ ବିଜେତାଙ୍କୁ ସମ୍ମାନିତ କରିଥିଲେ। ମନ୍ତ୍ରୀ ସିଂହ ନିଜ କାର୍ଯ୍ୟକାଳରେ ପ୍ରଥମଥର ପାଇଁ 'ପ୍ରୋଜେକ୍ଟ ବୀରଗାଥା ୩.୦'ର ଅନ୍ୟତମ ବିଜେତା ତଥା କଟକ ଡିଏଭି ପବ୍ଲିକ ସ୍କୁଲର ଏକାଦଶ ଶ୍ରେଣୀ ଛାତ୍ରୀ ସୁଶ୍ରୀ ବର୍ଣ୍ଣାଳୀ ସାହୁଙ୍କୁ ତାଙ୍କ ତରଫରୁ ଭାଷଣ ଦେବା ପାଇଁ କହିଥିଲେ। ବର୍ଣ୍ଣାଳୀଙ୍କ ଭାଷଣ ସରିବା ପରେ କରତାଳି ଦେଇ ଉଭୟ କେନ୍ଦ୍ରମନ୍ତ୍ରୀ ତାଙ୍କୁ ପ୍ରଶଂସା କରିଥିଲେ। ବର୍ଣ୍ଣାଳୀ ସାହୁଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର କଳ୍ପନାକୁ ସାକାର କରିବାରେ ଦେଶର ଯୁବବର୍ଗ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ଧର୍ମେନ୍ଦ୍ର ପ୍ରଧାନ କହିଥିଲେ।

## ଆଲୋକରେ ଦେଶପ୍ରୀତି



ସାଧାରଣତନ୍ତ୍ର ଦିବସ ପାଇଁ ଓଡ଼ିଶା ବିଧାନ ସୌଧ ଓ ପରିସରକୁ ରଙ୍ଗୀନ ଆଲୋକରେ ସଜାଯାଇଛି।




ଝଲସୁଛି ଭୁବନେଶ୍ୱରସ୍ଥିତ ସୂଚନା ଓ ଲୋକ ସମ୍ପର୍କ ବିଭାଗ କୋଠା।

# 'ମହିଳାମାନେ କର୍ତ୍ତବ୍ୟ, ଅଧିକାର ପ୍ରତି ସଚେତନ'



ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଓ ଅନ୍ୟ ଅତିଥିମାନେ ସଫଳତା ପୁସ୍ତକ 'ହସ ଫୁଟିଲା ପରିବାର ତିଷ୍ଠିଲା'କୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨୫।୧
(ଶର୍ମିଷ୍ଠା ପାଣିଗ୍ରାହୀ)

### ରାଜ୍ୟ ମହିଳା ଆୟୋଗର ୩୧ତମ ପ୍ରତିଷ୍ଠା ଦିବସ

ଓଡ଼ିଶା ରାଜ୍ୟ ମହିଳା ଆୟୋଗର ୩୧ତମ ପ୍ରତିଷ୍ଠା ଦିବସ ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଷ୍ଠା ଦିବସ ଉତ୍ସବର ସଫଳତା କାମନା କରିଥିଲେ। ସେ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କହିଥିଲେ, ଆୟୋଗର ବିଭିନ୍ନ କାର୍ଯ୍ୟକ୍ରମ ଯୋଗୁ ଆଜି ମହିଳାମାନେ ନିଜର କର୍ତ୍ତବ୍ୟ ଓ ଅଧିକାର ପ୍ରତି ସଚେତନ ହୋଇ ପାରିଛନ୍ତି। ଆତ୍ମବିଶ୍ୱାସ ଓ ସାହସ ପାଇଁ ଆଜି ଓଡ଼ିଶାର ମା' ଭଉଣୀମାନେ ଓଡ଼ିଶାର ବିକାଶ ପର୍ବରେ ନିଜକୁ ସାମିଲ କରିପାରିଛନ୍ତି। ମୁଖ୍ୟବକ୍ତା ଭାବେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଓ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଯୋଗଦେଇ ମତ ରଖିଥିଲେ। ଆୟୋଗକୁ ଆସୁଥିବା ପ୍ରାୟ ୯୬.୧୪ ପ୍ରତିଶତ କେସର ସମାଧାନ ହୋଇଥିବା ଅଧ୍ୟକ୍ଷା ମିନତୀ ବେହେରା କହିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଆୟୋଗ ପକ୍ଷରୁ ସଫଳତାର କାହାଣୀ ପୁସ୍ତକ 'ହସ ଫୁଟିଲା ପରିବାର ତିଷ୍ଠିଲା' ଉନ୍ମୋଚିତ ହୋଇଥିଲା। ଏଥିସହ ମହିଳା ବିରୋଧୀ ହିଂସା ଓ ଏହାର କାରଣ-ନିରାକରଣ ସମ୍ପର୍କିତ ଏକ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଡିରେକ୍ଟୋରେଟ ଅଫ୍ ପବ୍ଲିକ ପ୍ରସିକ୍ୟୁଶନର ନିର୍ଦ୍ଦେଶକ ଶ୍ୟାମ ସୁନ୍ଦର ଦାଶ ଓ ବରିଷ୍ଠ ପୋଲିସ ଅଧିକାରୀ ସାଇନ ଏସ. ଯୋଗଦେଇ ମହିଳା ସୁରକ୍ଷାଭିତ୍ତିକ ଆଇନ ଉପରେ ଆଲୋଚନା କରିଥିଲେ। ଆୟୋଗର ଅତିରିକ୍ତ ସଚିବ ବିଥିକା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବର୍ଗର ସଫଳ ମହିଳା ଓ ହାପି ଫ୍ୟାମିଲିଙ୍କୁ ପୁରସ୍କାର ଦିଆଯାଇଥିଲା।




ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଗୁରୁବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।

Government of India

ସବୁ ଦେଶବାସୀଙ୍କୁ
75 ତମ
ସାଧାରଣତନ୍ତ୍ର ଦିବସର
ଶୁଭେଚ୍ଛା

"ବର୍ତ୍ତମାନର ସମୟ ଭାରତର ବିକାଶ ପାଇଁ ଅମୃତକାଳ ଅଟେ। ଆଜି, ଭାରତ ଯୁବ ଶକ୍ତିର ପୁଞ୍ଜି ଓ ଉତ୍ସାହରେ ପୂରି ରହିଛି। ଆଜି ଆମେ, ଏପରି ଏକ ମୋଡ଼ରେ ଛିଡ଼ା ହୋଇଛୁ, ଯେଉଁଠି ପ୍ରତ୍ୟେକ ପ୍ରୟାସ, ପରବର୍ତ୍ତୀ ଏକ ହଜାର ବର୍ଷର ଭାରତ ପାଇଁ ମୂଳଦୁଆକୁ ମଜବୁତ କରିବ।"

- ନରେନ୍ଦ୍ର ମୋଦୀ



CBC 22201/13/0231/2324

କର୍ତ୍ତବ୍ୟ ପଥରୁ ଗଣତନ୍ତ୍ର ଦିବସ ସମାରୋହର ସିଧା ପ୍ରସାରଣ ସକାଳ ୨:୦୦ଟାରୁ ଦୂରଦର୍ଶନ ନେଟୱର୍କରେ

